# ସୂଚନା ଅଧିକାର ଆଇନ୍ ଉପରେ ଅନୁଷ୍ଠିତ ଜାତୀୟ ସମ୍ମିଳନୀର ଗୃହୀତ ପ୍ରସ୍ତାବମାନ

ଆୟୋଜକ- କେନ୍ଦ୍ରୀୟ ସୂଚନା କମିଶନ୍, ସ୍ଥାନ- ବିଜ୍ଞାନ ଭବନ, ନୂଆଦିଲ୍ଲୀ, ୧୩-୧୫ ଅକ୍ଟୋବର ୨୦୦୬

୧. ସୂଚନା ଅଧିକାର ଆଇନ୍‌କୁ କାର୍ଯ୍ୟାନ୍ୱିତ କରିବା କ୍ଷେତ୍ରରେ ସୂଚନା କମିଶନ୍‌ଗୁଡିକର ସାମର୍ଥ୍ୟବୃଦ୍ଧି ପାଇଁ ସରକାରମାନେ ସୂଚନା କମିଶନ୍ ମାନଙ୍କୁ ଆବଶ୍ୟକ ମୁତାବକ ସମ୍ବଳ, ସୁବିଧାସୁଯୋଗ, ପାଣ୍ଠି ଓ କର୍ମଚାରୀ ଯୋଗାଇ ଦେବା ଜରୁରୀ।

୨. ସମସ୍ତ ଜନ କର୍ତ୍ତୃପକ୍ଷମାନେ ଧାରା ୪ର ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ବିଧେୟ, ଏବଂ ପହିଲା ଜାନୁଆରୀ ୨୦୦୭ ସୁଦ୍ଧା ସେମାନେ ଏ ବାବଦରେ ନିଜନିଜର ଅନୁପାଳନ ରିପୋର୍ଟ ସଂପୃକ୍ତ ସୁଚନା କମିଶନ୍‌ମାନଙ୍କ ନିକଟକୁ ପ୍ରେରଣ କରିବେ।

୩. ସରକାର ସର୍ବସାଧାରଣଙ୍କ ସମ୍ମୁଖରେ ଅଙ୍ଗୀକାର କରିବେ ଯେ, ଅକ୍ଟୋବର ୨୦୦୮ ପର୍ଯ୍ୟନ୍ତ ସୂଚନା ଅଧିକାର ଆଇନ୍‌ରେ କୌଣସି ସଂଶୋଧନ କରାଯିବ ନାହିଁ।

୪. ଅପିଲ୍‌କର୍ତ୍ତା ଓ ଅଭିଯୋକ୍ତାମାନଙ୍କୁ ନିଜର ବକ୍ତବ୍ୟ ପେଶ୍ କରିବା ପାଇଁ କମିଶନ୍‌ମାନେ ସୁଯୋଗ ପ୍ରଦାନ କରିବେ।

୫. କମିଶନ୍‌ମାନେ ଆଇନ୍‌ର ଭାଷା ଓ ଭାବ ଅନୁଯାୟୀ କାର୍ଯ୍ୟକରିବେ, ଏବଂ ଏହାକୁ ସୁନିଶ୍ଚିତ କରିବେ ଯେ, ଯେଉଁସବୁ ସ୍ଥଳରେ ସୂଚନାପାଇଁ ଏକ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଛି, ସେଗୁଡିକ କେବଳ ଆଇନ୍‌ରେ ତାଲିକାଭୁକ୍ତ ହୋଇଥିବା ଅବ୍ୟାହତିଗୁଡିକ ଭିତ୍ତିରେ ହିଁ ଆଧାରିତ।

୬. ଡିମାଣ୍ଡ ଡ୍ରାଫ୍ଟ ବା ପୋଷ୍ଟାଲ୍ ଅର୍ଡର ମାଧ୍ୟମରେ ଦରଖାସ୍ତ ଫି କାହା ପାଖକୁ ପଠାଯିବ, ସେଥିଲାଗି ସରକାରମାନେ ଗୋଟିଏ ସାଧାରଣ ନାମ ଘୋଷଣା କରିବା ଦରକାର, ଏବଂ ବିଭିନ୍ନ ଫିସ୍‌ଗୁଡିକୁ ଦାଖଲ ପାଇଁ ଅଧିକ ସଂଖ୍ୟକ ମାଧ୍ୟମର ବ୍ୟବସ୍ଥା କରିବା ଦରକାର।

(ଅନୁବାଦ- ଶ୍ରୀ ଚିତ୍ତ ବେହେରା, ୪ଏ ଜୁବୁଲି ଟାୱାର୍, ଚୌଧୁରୀ ବଜାର, କଟକ-୯, ମୋବାଇଲ୍- ୯୮୬୧୦୯୧୪୫୫ ଓ ୯୪୩୭୫୭୭୫୪୬, ତା୨୨.୧୦.୦୬)

## Resolutions passed at the National Convention on Right to Information

## organised by Central Information Commission at Vigyan Bhawan, New Delhi 13th to 15th October 2006

1. The Governments must provide required resources, facilities, funding and personnel to the Information Commissions to be able to implement the Right To Information Act.
2. All Public Authorities must fulfil the requirements of Section 4, and a compliance report should be submitted to the appropriate Information Commissions before 1 January, 2007.
3. The Government must give an undertaking publicly that no changes will be made in the RTI Act until October, 2008.
4. Commissions must give an opportunity for a personal hearing to appellants and complainants.
5. Commissions should go by the letter and spirit of the law, ensuring that all denials of information are only as per the exemptions listed in the Act.
6. The Governments must ensure a common name in whose favour the application fees can be made by demand drafts or postal orders, and increase the modes of payment of these fees.

***(Source: http://cic.gov.in Website of Central Information Commission, India)***